ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ଭିଡ଼ିଓ କନ୍‌ଫରେନ୍ସିଂ ଯୋଗେ ଆଲୋଚନା

**ଭୁବନେଶ୍ୱର : ୧୦ ଅପ୍ରେଲ,୨୦୨୦**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସ ଆଜି କରୋନା ସଂକ୍ରମଣ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ହର୍ଷ ବର୍ଦ୍ଧନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟରେ ଲକ୍ ଡାଉନ ଅବଧିକୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଘୋଷଣା ସମ୍ପର୍କରେ ଅବଗତ କରିଥିଲେ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଲକ୍ ଡାଉନ ଅବଧିକୁ ବୃଦ୍ଧି କରିବା ପାଇଁ କେନ୍ଦ୍ରକୁ ଯେଉଁ ଅନୁରୋଧ କରିଛନ୍ତି ସେହି ଅନୁରୋଧକୁ ରକ୍ଷା କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ମତ ଦେଇଛନ୍ତି ।

ଏଚ୍‌ସିକ୍ୟୁଏସ୍ ଟାବଲେଟ, N-95 ମାସ୍କ , ଭିଟାମିନ୍ ସି ତୁରନ୍ତ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଦାସ ଦାବୀ କରିଛନ୍ତି । ଏହା ସହିତ ରାଜ୍ୟରେ କୋଭିଡ୍ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ୫ ଲକ୍ଷ ପିପିଇ ଯୋଗାଇ ଦିଆଯିବା ସହ ଆରଟିପିସିଆର କିଟସ୍ ଯାହା କରୋନା ରୋଗୀଙ୍କ ରକ୍ତ ପରୀକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ତାହା ଆବଶ୍ୟକ ମୁତାବକ ଯୋଗାଇ ଦିଆଯାଉ । ରାଜ୍ୟରେ ୩୦୦ ଆରଏନ୍‌ଏ ଥିବାବେଳେ, ୫ ହଜାର ଆରଏନ୍‌ଏ ର ଆବଶ୍ୟକତା ରହିଛି । ଏହାର ଯୋଗାଣ ସୁନିଶ୍ଚିତ କରିବା ଦରକାର ।

ଶ୍ରୀଯୁକ୍ତ ଦାସ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ଅଞ୍ଚଳମାନଙ୍କରେ ସ୍ୱତନ୍ତ୍ର ଆଗୁଆ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସରକାର ଗୋଟିଏ ଗାଇଡଲାଇନ୍ ତିଆରି କରନ୍ତୁ । ଓଡ଼ିଶାରେ ଯେହେତୁ ଅନେକ ସମୟରେ ବିପର୍ଯ୍ୟୟ ଲାଗି ରହିଛି, ତେଣୁ ସ୍ୱତନ୍ତ୍ର କୋଭିଡ୍ ପାଣ୍ଠି ଆର୍ଥିକ ସହାୟତା ଓଡ଼ିଶାକୁ ଦିଆଯାଉ ।

ଶ୍ରୀ ଦାସ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବୀ କରିଥିଲେ ଯେ, ପୂର୍ବ ଦାବି ଅନୁଯାୟୀ ବୁର୍ଲା, ବ୍ରହ୍ମପୁର, ବଲାଙ୍ଗିର ଓ ଅନ୍ୟାନ୍ୟ ଜାଗାରେ କୋଭିଡ୍ ରକ୍ତ ପରୀକ୍ଷା ପାଇଁ ଆଇସିଏମ୍ଆର୍‌କୁ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ ଏବଂ ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ହସ୍‌ପିଟାଲ୍‌କୁ କୋଭିଡ୍ ହସ୍‌ପିଟାଲ୍ କରିବା ପାଇଁ ନିଷ୍ପତ୍ତି ନିଆଯାଉ ।

ଏଠରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର କରୋନା ମୁକାବିଲା ପାଇଁ ରାଜ୍ୟକୁ ୪୬.୩୫ କୋଟି ଟଙ୍କାର ଆର୍ଥିକ ସହାୟତାର ଘୋଷଣା କରିଥିବାବେଳେ, ଏହି ସହାୟତା ରାଶି ବୃଦ୍ଧି କରିବାକୁ ମନ୍ତ୍ରୀ ଶ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

ବିଭୂତି ନାୟକ
ସୂଚନା ଅଧିକାରୀ